ସକାଳ THE SAKALA



# ନିମ୍ନମାନର କାମକୁ ଗାଁ ଲୋକଙ୍କ ତୀବ୍ର ବିରୋଧ

ଚନ୍ଦନେଶ୍ୱର, ୩ା୨(ସମିସ)



ଗାଁ ଗହଳିର ଲୋକଙ୍କୁ ଶୁଦ୍ଧ ଓ ନିର୍ମଳ ପାନୀୟ ଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଟଙ୍କା ମଞ୍ଜୁର କରୁଛନ୍ତି। ମାତ୍ର ବିଭାଗୀୟ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ସରକାରଙ୍କ ଅସଲ ଉଦ୍ଦେଶ୍ୟକୁ ବାଟବଣା କରୁଛି। ବାଲେଶ୍ୱର ଜିଲ୍ଲା ଭୋଗରାଇରଠାରେ ସୁବର୍ଣ୍ଣରେଖା ନଦୀର ପାଣିକୁ ବିଶୋଧନ କରି ଗାଁ ଲୋକଙ୍କୁ ଯୋଗାଇବା ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ-୨ରେ ୨୦୨୨ରୁ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ପାଇଁ ଦୀର୍ଘ ବର୍ଷ ହେବ କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ। ଶ୍ରଦ୍ଧାପୁର ପଂଚାୟତ ଅଧୀନ କନ୍ୟାନଗରୀ ଗାଁରେ ନିର୍ମାଣଧୀନ ଭୂତଳ ପାଣି ଟାଙ୍କି ନିମ୍ନମାନର ହେଉଥିବା ଗାଁ ଲୋକେ ଅଭିଯୋଗ ଆଣିଛନ୍ତି। ଶ୍ରଦ୍ଧାପୁର ସରପଂଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର ଏବଂ ଗୋଛିଦା ତେଘରି ସରପଂଚଙ୍କ ପ୍ରତିନିଧ ଦିଲ୍ଲୀପ କୁମାର କାମିଳା ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ହରିପ୍ରିୟା ମହନ୍ତ ବିଭାଗୀୟ ଠିକାଦାରଙ୍କୁ ଡାକି ଆଲୋଚନା କରୁଥିବା ଜଣା ପଡିଛି। ଜେଏମଏଫସି ସଂସ୍ଥାକୁ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟଭାର ଦିଆ ଯାଇଛି। ଏଥିପାଇଁ ସେମାନେ ବିଭିନ୍ନ ପଂଚାୟତରେ ଓଭରହେଡ ପାଣି ଟାଙ୍କି ନିର୍ମାଣ କରିବା ସହିତ ପ୍ରତି ଘରକୁ ପାଇପ ବିଛାଇଛନ୍ତି। ମାତ୍ର ଗାଁ ଗହଳିରେ ଥିବା କଂକ୍ରିଟ ରାସ୍ତାକୁ ତାଡି, ଭାଙ୍ଗି ନଷ୍ଟ କରି କାର୍ଯ୍ୟ କରୁଥିବା ନଜରକୁ ଆସେ। ତେବେ କନ୍ୟାନଗରୀ ଗାଁରେ ଏକ ଓଭରହେଡ ପାଣି ଟାଙ୍କି ନିର୍ମାଣ ହେବା ସହିତ ପାଖରେ ପାଣି ମହଜୁଦ ରହିବା ପାଇଁ ମାଟିତଳେ ମଧ୍ୟ ଏକ ଟାଙ୍କି ନିର୍ମାଣ ଚାଲିଛି। ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଆସିଛି। କାର୍ଯ୍ୟରେ ବ୍ୟବହାର ହେଉଥିବା ବାଲିରେ କାଦୁଅ, ଭଙ୍ଗା ଇଟା ଆଦି ମିଶିଥିବା ବେଳେ ତାକୁ ଅଲଗା କରା ଯାଉନାହିଁ। ବ୍ୟବହାର ହେଉଥିବା ଲୁହା ସବୁ କଳଙ୍କି ଲାଗିଲାଣି। ଏହାଛଡା ଭାଗମାପରେ ମଧ୍ୟ ଅନିୟମିତତା ହେଉଥିବା ଅଭିଯୋଗ ହୁଏ। ଯାହାକୁ ନେଇ ଗାଁ ଲୋକେ ତୀବ୍ର ପ୍ରତିବାଦ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ନିଷ୍ଠାର ସହିତ ସମ୍ପନ୍ନ ନକଲେ କାର୍ଯ୍ୟ ଆଗକୁ ବଢିବାକୁ ଦେବେ ନାହିଁ ବୋଲି ଗାଁ ଲୋକେ ଜିଦରେ ଅଟଳ ଅଛନ୍ତି।

## ବିଶାଳ ହିନ୍ଦୁ ସମ୍ମିଳନୀ

ଚନ୍ଦନେଶ୍ୱର, ୩ା୨ (ସମିସ) : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗୌରବମୟ ଶତାବ୍ଦୀ ବର୍ଷ ଉତ୍ସବ ଅବସରରେ ସାରା ଦେଶରେ ହିନ୍ଦୁ ସମ୍ମିଳନୀ ଶୃଙ୍ଖଳାର ସହ ହେଉଥିବା ବେଳେ ଆଜି ଭୋଗରାଇ ବ୍ଲକର କାନ୍ଥଭଉଁରୀ ପଞ୍ଚାୟତ ଅନ୍ତର୍ଗତ ବିଚିତ୍ରପୁର ବାତ୍ୟାଆଶ୍ରୟସ୍ଥଳୀଠାରେ ସମଗ୍ର ହିନ୍ଦୁ ସମାଜ, ଭୋଗରାଇ ଖଣ୍ଡ ଅଧିନ ଟୁକୁରୀହାଜିରା ମଣ୍ଡଳର ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ରାଷ୍ଟ୍ରଭକ୍ତ ସଂଗଠନର ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗଦେଇ ହିନ୍ଦୁ ସମାଜର ଏକତା, ସନାତନ ସଂସ୍କୃତିର ସୁରକ୍ଷା ଓ ରାଷ୍ଟ୍ରନିର୍ମାଣରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଭୂମିକା ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ଜିଲ୍ଲା କାର୍ଯ୍ୟବାହୀ ବିଜୟ କୁମାର ଦାସ ଯୋଗଦେଇ ଭାରତ ସନାତନ ସଂସ୍କୃତିର ଦେଶ ଓ ହିନ୍ଦୁ ମାନଙ୍କର ଦେଶ ବୋଲି କହିଥିଲେ। ବରିଷ୍ଠ ପଣ୍ଡିତ ଶ୍ରୀନିବାସ ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଏହି ଶତାବ୍ଦୀ ବର୍ଷ ଉତ୍ସବ କେବଳ ଏକ ଉତ୍ସବ ନୁହେଁ, ବରଂ ହିନ୍ଦୁ ସମାଜର ସ୍ୱାଭିମାନ, ଏକତା ଓ ଭବିଷ୍ୟତ ପାଇଁ ଏକ ନୂଆ ସଙ୍କଳ୍ପ ବୋଲି କହିଥିଲେ। ସମ୍ମିଳନୀରେ ଟୁକୁରୀହାଜିରା, ନାରାୟଣ ମହାନ୍ତି ପଡିଆ, ଶ୍ରଦ୍ଧାପୁର, ଶଙ୍ଖାରୀ ଓ କାନ୍ଥଭଉଁରୀ ପଞ୍ଚାୟତର ନାଗରିକ, ଯୁବକ-ଯୁବତୀ, ମହିଳା ଓ ବୃଦ୍ଧମାନେ ଉପସ୍ଥିତ ରହି ହିନ୍ଦୁ ଏକତା ଓ ରାଷ୍ଟ୍ରଭକ୍ତିର ସନ୍ଦେଶକୁ ସୁଦୃଢ଼ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହସଂଯୋଜକ ଅନିଲ କୁମାର ମହାନ୍ତି, ହିନ୍ଦୁ ସମ୍ମିଳନୀର ଜିଲ୍ଲା ସହ ସଂଯୋଜକ ଅମ୍ବରିଶ ମହାନ୍ତି, ଜିଲ୍ଲା ଗ୍ରାମ ବିକାଶ ପ୍ରମୁଖ ଅନୁପମ ପଣ୍ଡା, ସମ୍ପର୍କ ପ୍ରମୁଖ ଅରୁପ କୁମାର ଜେନା, କିରଣମୟ ପଟ୍ଟାୟତ, କୃତ୍ତିବାସ ମହାନ୍ତି, ଅଭିଳାଷ ଦାସ, ସତ୍ୟ ସାମଲ, ବସନ୍ତ ଭୂୟାଁ, ବନମାଳୀ ବେହେରା, ବିଜୟ କୁମାର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ଭଞ୍ଜ, ରାଧାକୃଷ୍ଣ ଦାସ, ପ୍ରଦୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ।



# ବରିଷ୍ଠ ନାଗରିକଙ୍କ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର



ଜଳେଶ୍ୱର, ୩ା୨ (ସମିସ): ଉତ୍ତର ଓଡିଶାର ପ୍ରମୁଖ ନଦୀ ସୁବର୍ଣ୍ଣରେଖା ଜଳେଶ୍ୱର ବାସୀଙ୍କ ପାଇଁ ଦିନେ ସ୍ୱର୍ଣ୍ଣ ପ୍ରସବିନୀ ଜୀବନରେଖା ହୋଇଥିବା ବେଳେ ଆଜି ପ୍ରଳୟଙ୍କରୀ କାଳ ହୋଇ ଛିଡା ହୋଇଛି। ନଦୀର ଉଭୟ କୂଳର ନଦୀବନ୍ଧକୁ କାଟି ଯେଉଁ ଭଳି ଭାବରେ ବେନିୟମ ବାଲି ଉତ୍ତୋଳନ ଓ ପରିବହନ ଚାଲିଛି ଆସନ୍ତା ସମୟରେ ଏହାର ପରିଣାମ ଜଳେଶ୍ୱର ବାସୀଙ୍କୁ ଭୋଗିବାକୁ ପଡିବ। ବାଲି ଉତ୍ତୋଳନ ଯୋଗୁଁ ଶେକବାଡ ନିକଟ ନଦୀର ମୋଡ ନିକଟରେ ଥିବା ଗୁଆଖଣା ନଦୀବନ୍ଧ ଓ ଫଟୁଘଣ୍ଟା ନିକଟରେ ନବ ନିର୍ମିତ ରିଂ ରୋଡର ଅବସ୍ଥା ଜଳେଶ୍ୱରବାସୀଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି। ବେନିୟମ ବାଲି ପରିବହନ ଯୋଗୁଁ ସହରର ସମସ୍ତ ମୁଖ୍ୟ ରାସ୍ତା, ରେଳ ଓଭରବ୍ରିଜ ଉପରେ ବାଲିର ସ୍ତର ଯେପରି ପଡି ରହିଛି ଦୁଇଚକିଆ ଯାନ ଚଳାଉଥିବା ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ସାରା ସହର ଧୂଳିମୟ ହୋଇ ପରିବେଶ ପ୍ରଦୂଷିତ ହେବା ସହିତ ବିଶେଷ କରି ବୟସ୍କ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ଉଠିଛି। ସ୍ଥାନୀୟ ପ୍ରଶାସନ ସ୍ଥାଣୁ ପାଲଟିଛି। ଡାକବାଜି ଯନ୍ତ୍ରରେ ପ୍ରଚାର ମଧ୍ୟରେ ସୀମିତ ରହିଛି। ତେଣୁ ତୁରନ୍ତ ପ୍ରତିକାର ପାଇଁ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଦୃଢ ଦାବି କରାଯିବା ସହିତ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ରେଳବାଇ ସମସ୍ୟାର ସମାଧାନ ପାଇଁ ମଂଚ ପକ୍ଷରୁ ୭ଦଫାର ଏକ ଦାବିପତ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସକୁ ଜଳେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ, ହାଓଡା-ପୁଡୁଚେରୀ ସୁପରଫାଷ୍ଟ ଟ୍ରେନର ଜଳେଶ୍ୱରରେ ରହଣି, ସମସ୍ତ ଟ୍ରେନର ଅହେତୁକ ବିଳମ୍ବକୁ ରୋକିବା, ପାସେଞ୍ଜର ଟ୍ରେନରେ ଏକ୍ସପ୍ରେସ ଭଡା ଆଦାୟ ବନ୍ଦ କରିବା, ପୂର୍ବପରି ବରିଷ୍ଠ ନାଗରିକଙ୍କୁ ଟ୍ରେନ ଯାତ୍ରାରେ ରିହାତି ପ୍ରଦାନ, ବରିଷ୍ଠ ନାଗରୀକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଇତ୍ୟାଦି। ଉକ୍ତ ଦାବୀପତ୍ର ପ୍ରଦାନ ସମୟରେ ମଂଚର ସଭାପତି ଡ. ରମାକାନ୍ତ ଭଂଜ, ସମ୍ପାଦକ ଡ. ଲଳିତ ଚଂଜ ସେନାପତିଙ୍କ ସହିତ ଭାସ୍କର ଚନ୍ଦ୍ର ମିଶ୍ର, ଶ୍ରୀମନ୍ତ ଘୋଷ, ଅପର୍ଣ୍ଣା ଚୌଧୁରୀ, ଖଗେନ୍ଦ୍ର ନାଥ ସାହୁ, ଶ୍ୟାମାଚରଣ ଦାସ, ଦିଲ୍ଲୀପ କୁମାର ଗିରି, ସିତାଂଶୁ ସେନାପତି, ସୁନୀଲ କୁମାର ନାୟକ, ବିକାଶ କୁମାର ଧର, ଅବଦୁଲ ସମତ ଖାଁ, ବନମାଳୀ ଧଳ, କାଳିଚରଣ ପୃଷ୍ଟି, ଅଶୋକ କୁମାର ଦାସ, ସମରେଶ ଦିନ୍ଦା, ସବିତା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ସିପିଆଇ ନେତା ଶ୍ରୀଧର ଜେନାଙ୍କ ଦେହାନ୍ତ



ନୀଳଗିରି, ୩ା୨ (ସମିସ): ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ କାନ୍ଥପଦା ଗ୍ରାମର ସମାଜସେବୀ ତଥା ସିପିଆଇନେତା ଶ୍ରୀଧର ଜେନା ଗତ ସୋମବାର ୫୪ବର୍ଷ ବୟସରେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ଖବରପାଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ବରିଷ୍ଠ କମ୍ୟୁନିଷ୍ଟନେତା କୈଳାସ ଚନ୍ଦ୍ର ପଣ୍ଡା, ଜୋନସମ୍ପାଦକ ବିଜୟ ସ, ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ପ୍ରଭାକର ମହାପାତ୍ର, ଦେବେନ୍ଦ୍ର ବେହେରା, ନାରୀନେତ୍ରୀ ଗାୟତ୍ରୀ ପଣ୍ଡା, ନିରଞ୍ଜନ ଜେନା, ବିଦ୍ୟାଧର ବେହେରା, ଦୀପକ ନାୟକ, ନୀଳମାଧବ ବାରିକ ପ୍ରମୁଖ ପାର୍ଥିବଶରୀର ନିକଟରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶରୀର ଉପରେ ଲାଲଝଣ୍ଡା ସମର୍ପଣ କରିଥିଲେ। ତାଙ୍କ ମରଶରୀର ନିକଟରେ ପତ୍ନୀ, ପୁଅ, ଆତ୍ମୀୟସ୍ୱଜନ ସହିତ ବନ୍ଧୁବାନ୍ଧବ ଉପସ୍ଥିତ ରହିଥିବା ବେଳେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଅନ୍ତେଷ୍ଟି ସମ୍ପନ୍ନ କରାଯାଇଥିଲା। ଭାରତୀୟ ନୌସେନାରେ କାର୍ଯ୍ୟରତ ପୁଅ ରଞ୍ଜିତ ଜେନା ମୁଖାଗ୍ନି ଦେଇଥିଲେ।

## ନିଆଁରେ ପୋଡ଼ିହୋଇ ବୃଦ୍ଧା ଗୁରୁତର

ସୋର, ୩ା୨(ସମିସ): ଔପଦା ବ୍ଲକ ଅଘିରାପଦା ଗ୍ରାମର ଜଣେ ବୃଦ୍ଧା ଚୁଲି ନିକଟରେ ବସିଥିବା ବେଳେ ଶାଢୀରେ ନିଆଁ ଲାଗିବାରୁ ପୋଡିହୋଇ ବୃଦ୍ଧା ଜଣଙ୍କ ଗୁରୁତର ହୋଇଛନ୍ତି। ଏହି ଗ୍ରାମର ରତ୍ନମଣି ରାଉତ(୬୨) ଆଜି ସକାଳେ ରୋଷେଇ ହେଉଥିବା ଚୁଲି ନିକଟରେ ବସିଥିବା ବେଳେ ତାଙ୍କ ପିନ୍ଧା ଶାଢୀରେ ନିଆଁ ଲାଗି ଦେହର ବିଭିନ୍ନ ସ୍ଥାନ ପୋଡିଯାଇଥିଲା। ଫଳରେ ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ଶୋଚନୀୟ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।

## ଅବ୍ୟବସ୍ଥା ଘେରରେ ସହକାରୀ ଶ୍ରମ କାର୍ଯ୍ୟାଳୟ

ନୀଳଗିରି, ୩ା୨ (ସମିସ): ଅବ୍ୟବସ୍ଥା ଘେରରେ ନୀଳଗିରି ସହକାରୀ ଶ୍ରମ କାର୍ଯ୍ୟାଳୟ। ନୀଳଗିରି ଉପଖଣ୍ଡ ସହକାରୀ ଶ୍ରମ କାର୍ଯ୍ୟାଳୟରେ ପୂର୍ବରୁ ସରୋଜିନୀ ନାୟକ ନାମ୍ନୀ ଜଣେ ମହିଳା ପିଅନ ଭାବେ କାର୍ଯ୍ୟ କରୁଥିଲେ। ଅକ୍ଟୋବର ମାସରୁ ସରୋଜିନୀ ନାୟକଙ୍କୁ ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ବଦଳରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିକ୍ରମ ସ୍ୱାଇଁଙ୍କୁ ନୀଳଗିରି ଶ୍ରମ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲେ ହେଁ, ବର୍ତ୍ତମାନ ସୁଦ୍ଧା ବିକ୍ରମ ସ୍ୱାଇଁ ନୀଳଗିରି ଶ୍ରମ କାର୍ଯ୍ୟାଳୟକୁ ନ ଆସି ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଖବର ନେବାରୁ ଜଣାଯାଏ ଯେ ବିକ୍ରମ ଗୋଟିଏ ଦିନ ନୀଳଗିରି ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦେଇ ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ କରିବା କେତେଦୂର ଯୁକ୍ତି ସଂଗତ ଅଟେ। ଅନ୍ୟପଟେ ନୀଳଗିରି ଶ୍ରମ କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ ସଠିକ ଭାବେ କାର୍ଯ୍ୟ ହୋଇ ପାରୁ ନାହିଁ। ସେଥିପାଇଁ ଉକ୍ତ ପିଅନକୁ ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଯଥା ଶୀଘ୍ର ଆଣି ନୀଳଗିରି ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦେବା ପାଇଁ ଜନସାଧାରଣ ପକ୍ଷରୁ ଜିଲ୍ଲାପାଳ ବାଲେଶ୍ୱର ଓ ଶ୍ରମ କମଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଯଥା ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।



# ଭୂୟାଁସାହି ନାଫରାଇ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୋଗରାଇ,୩ା୨ (ସମିସ): କଠିନ ପରିଶ୍ରମ ଓ ନିଷ୍ଠାର ସହ କର୍ମ କରିଚାଲିଲେ ସମସ୍ତ ପ୍ରକାର ସଫଳତା ମିଳେ ବୋଲି ଭୋଗରାଇର ଶଙ୍ଖାରୀ ପଞ୍ଚାୟତ ଭୂୟାଁସାହି ନାଫରାଇ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଅବସରରେ ଅତିଥି ମାନେ ପ୍ରକାଶ କରିଛନ୍ତି। ସମାଜସେବୀ ଅଶ୍ୱିନୀ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ, କାମଦେବ ଭୂୟାଁ ଏବଂ ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ନାଭଡେଶ୍ୱର ମାଝି, ବିଶିଷ୍ଟ ଅତିଥି ସାମ୍ବାଦିକ ଶିଶିର କୁମାର ପ୍ରଧାନ, ସମ୍ମାନିତ ଅତିଥି ଶ୍ୟାମସୁନ୍ଦର ମାହାନା, ରବିନ୍ଦ୍ର ଜେନା, ନିତ୍ୟାନନ୍ଦ ଜେନା ପରିଚାଳନା କମିଟିର ସଭାପତି ଅନନ୍ତ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ସୁଚିନ୍ତିତ ଉପଦେଶ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ଜେନା ମଞ୍ଚ ଆହ୍ୱାନ ପ୍ରଧାନ ଶିକ୍ଷକ କୁଶ କୁମାର ଦଳାଇ ବିବରଣୀ, ପୂର୍ବତନ ସଭାପତି ଅନନ୍ତ ଭୂୟାଁ ଅତିଥି ପରିଚୟ, ଶିକ୍ଷୟିତ୍ରୀ ଦେବ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତି ଶ୍ରେଣୀର ପ୍ରଥମ, ଦ୍ୱିତୀୟ, ତୃତୀୟ ମେଧାବୀ ପିଲାଙ୍କୁ କାମଦେବ-ମେନୋକା ଓ ଚଞ୍ଚଳା-ବାବୁରାମ ମେଧାବୃତ୍ତି ସହ ବିଭିନ୍ନ ବିଭାଗର କୃତି ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନା କମିଟିର ସଦସ୍ୟ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ।

## ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ

କପ୍ତିପଦା, ୩ା୨(ସମିସ) ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନ କର୍ମଚାରଙ୍କ ଏକ ତାଲିମ କାର୍ଯ୍ୟକ୍ରମ କପ୍ତିପଦା ବନାଞ୍ଚଳ ଆନୁକୂଲ୍ୟରେ ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜାତୀୟ ସବୁଜ ବାହିନୀ (ଇକୋ କ୍ଲବର)ର ମାଷ୍ଟର ଟ୍ରେନର ଡକ୍ଟର ରମାକାନ୍ତ ମହାନ୍ତ ଓ ମୁଖ୍ୟବକ୍ତା ଭାବେ କପ୍ତିପଦାର ଫାୟାର ଅଫିସର ନରେନ୍ଦ୍ର ରାଉତ ଯୋଗଦାନ କରି ଜଙ୍ଗଲକୁ ବିଶେଷକରି ଶିମିଳିପାଳକୁ ନିଆଁ ଦାଉରୁ କିପରି ସୁରକ୍ଷା ଦିଆଯାଇପାରିବ, ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ପରିବେଶବିତ ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗଦାନ କରି ନିଜ ଅନୁଭୂତି ଆଧାରରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର କୌଶଳ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାୟାର ଅଫିସର ଜଗଦୀଶ ଚନ୍ଦ୍ର ସାହୁ, ଫାୟାରମ୍ୟାନ ନବୀନ ଚନ୍ଦ୍ର ପାତ୍ର ନିଜର ଅନୁଭୂତିକୁ ଆଧାର ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବିଭିନ୍ନ ପ୍ରକାର କୌଶଳ ବିଷୟରେ ଆଲୋଚନା କରିଥିଲେ। ଏଥିରେ କପ୍ତିପଦା ରେଞ୍ଜର ସମସ୍ତ ଫରେଷ୍ଟର ଗାର୍ଡ, ଫାୟାର ସ୍ୱାର୍ଡ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ଲୁଟେରାଙ୍କ ଆକ୍ରମଣରେ ଯୁବକ ଗୁରୁତର

ସିମୁଳିଆ, ୩ା୨ (ସମିସ): ମହୋତ୍ସବ ଦେଖି ରବିବାର ରାତିରେ ଘରକୁ ଫେରୁଥିବା ସମୟରେ ଲୁଟେରାଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ କୁଣିଆରୀ ଅନନ୍ତପୁର ଗ୍ରାମର ଜଗବନ୍ଧୁ ବେହେରାଙ୍କ ପୁଅ ଜୟରାମ ବେହେରା ରବିବାର ରାତିରେ ମାର୍କୋଣାରୁ ମହୋତ୍ସବ ଦେଖି ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ମାର୍କୋଣା ବସ୍‌ଷ୍ଟାଣ୍ଡ ନିକଟରେ ଦୁଇଜଣ ମାସ୍କ ପିନ୍ଧା ଯୁବକ ବାଇକରେ ଆସି ଜୟରାମ ନିକଟରୁ ମୋବାଇଲ ଛଡାଇବାକୁ ଚେଷ୍ଟା କରିଥିଲେ। ଏଥିରେ ଅସଫଳ ହେବାରୁ ସେମାନେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଜୟରାମ ଚିତ୍କାର କରିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ର, ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ଏବଂ ବର୍ତ୍ତମାନ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି।

## ବାଲି ଚୋରାଚାଲାଣ ଉପରେ ରୋକ୍ ଲଗାଇପାରୁନି ପ୍ରଶାସନ



କପ୍ତିପଦା, ୩ା୨(ସମିସ): କପ୍ତିପଦା ବ୍ଲକ ଅଞ୍ଚଳରେ ବାଲି ଚୋରାଚାଲାଣରେ ରୋକ ଲଗାଇପାରୁନି ପ୍ରଶାସନ। ବିଭିନ୍ନ ସମୟରେ ନୂଆ ତରିକା ଆପଣେଇ ଲୁଟ ହେଉଛି ବାଲି। କେତେବେଳେ ଖଣି ବିଭାଗକୁ ତ ଆଉ କେତେବେଳେ ତହସିଲ ପ୍ରଶାସନକୁ ମାଡ଼ ମାରି ମାଫିଆ ବାଲି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି। କପ୍ତିପଦା ବ୍ଲକର ବଡ଼ବିଶୋଳ ନଦୀଘାଟ ପାଖ ରଥିପୁର ଖେଳ ପଡ଼ିଆ ପଛପଟେ ନୂଆ ତରିକାରେ ହେଉଛି ବାଲି ଚାଲାଣ। ଗତ ବନ୍ୟାରେ ନଦପଠାରେ ପଟୁ ମାଟି ମାଡ଼ି ଯାଇଥିବାବେଳେ ତଳ ସ୍ତରରେ ରହି ଯାଇଛି ଶହ ଶହ ଟ୍ରିପ ବାଲି। ଯାହାକୁ ଜେସିବି ମେସିନ ସାହାଯ୍ୟରେ ମାଟିକୁ ଖୋଳି ବାଲି ଉଦ୍ଧାର କରାଯାଉଛି। ସମୟ ଦେଖି ଚାଲାଣ ହେଉଛି। ଅଭିଯୋଗ ପରେ ତଦନ୍ତ ବେଳକୁ ନଦୀ ଘାଟରେ ବାଲି ନ ଥିବା ଦେଖିବାକୁ ମିଳୁଛି। ରାତିରେ ଚାଲାଣ ହେଉଛି ଶହ ଶହ ଟ୍ରିପ୍ ବାଲି। ଏ ସମ୍ପର୍କରେ କପ୍ତିପଦା ତହସିଲଦାର ଆଶିଷ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରିଥିଲେ ବି ସେ ଫୋନ୍ ରିସିଭ କରି ନ ଥିଲେ।

## ‘ସ୍ରଷ୍ଟା’ର ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ \ ନାଟକ ‘ଜୀବନେ ସପନ ଯେତେ’ ମଞ୍ଚସ୍ଥ



ବାଲେଶ୍ୱର, ୩ା୨(ସମିସ): ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟାନୁଷ୍ଠାନ “ସ୍ରଷ୍ଟା’ର ୪୮ତମ ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଗାନ୍ଧୀସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ସମାଜସେବୀ ଅଞ୍ଜଳି ପଣ୍ଡା ଯୋଗଦେଇ ନାଟକ ଦେଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁଗଶ୍ରୀ ଯୁଗନାରୀ ସାହିତ୍ୟ ପତ୍ରିକାର ସଂପାଦିକା ମମତା ମହାପାତ୍ର ଯୋଗ ଦେଇଥିଲେ। ‘ସ୍ରଷ୍ଟା’ର ସାଧାରଣ ସଂପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନ ସଭାପତି ତଥା ପ୍ରାକ୍ତନ ବ୍ରିଟ ଅଧ୍ୟକ୍ଷ ଆଲୋକ କୁମାର ସାହୁ ପ୍ରାକ୍ କଥା ରଖିଥିଲେ। ଉପସଭାପତି ପ୍ରସନ୍ନ ଦାସ ଅତିଥି ପରିଚୟ ସହ ମଞ୍ଚ ଆହ୍ୱାନ କରିଥିବା ବେଳେ ନାଟ୍ୟକାର ତଥା ସାହିତିକ୍ୟ ପିତାମ୍ବର ଦାସ ଶେଷ କଥା ରଖିଥିଲେ। ସଭା ପରେ ‘ସ୍ରଷ୍ଟା’ର କଳାକାର ପକ୍ଷରୁ “ଜୀବନେ ସପନ ଯେତେ’ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ନାଟ୍ୟ ରଚନା କରିଥିବା ବେଳେ ସଂଗ୍ରାମ କେଶରୀ ମହାନ୍ତି ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ସେହିପରି “ସ୍ରଷ୍ଟା’ର ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି “ରେବତୀ’ ପତ୍ରିକାର ସଂପାଦିକା ତଥା ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ “ସ୍ରଷ୍ଟା’ ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଂଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା ସୁନାମଧନ୍ୟ ସଂଗୀତଜ୍ଞ ଶ୍ରୀକାନ୍ତ ଗୌତମ ଯୋଗଦେଇ ନାଟକ ସଂପର୍କରେ କିଛି କଥା ରଖିଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇ ଅଧିବେଶନର ଅନୁଷ୍ଠାନର ସଭାପତି ଆଲୋକ ସାହୁ ସଭାପତିତ୍ୱ କରିଥିବା ବେଳେ ନାଟ୍ୟକାର ହେମେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସଭାପତି ପ୍ରସନ୍ନ ଦାସ ଶେଷରେ ଧନ୍ୟବାଦ ଦେଇଥିଲେ। ପରେ ଭୁବନେଶ୍ୱର ମ୍ୟାଜିକ୍ ଥିଏଥର ପକ୍ଷରୁ ହାସ୍ୟରସାତ୍ମକ ନାଟକ “ଧୁଡୁକି’ ମଞ୍ଚସ୍ଥ ହୋଇଥିଲା। ପ୍ରଶାନ୍ତ ବିଶ୍ୱାଳଙ୍କ ପ୍ରାୟୋଜିତ ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ ନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଥିଲେ।

# ଉତ୍ତର ବାଲେଶ୍ୱରରେ କାୟା ମେଲାଇଛି ନକଲି ମଦ

ଜଳେଶ୍ୱର ବ୍ଲକ, ୩ା୨ (ସମିସ)

କେତେ ମଲେ ଚେତିବ ପ୍ରଶାସନ

ବାଲେଶ୍ୱର ଜିଲ୍ଲାରେ ବେନିୟମ ନିଶା କାରବାର ଓ ମାଫିଆ ମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଛି। ବିଶେଷ କରି ଜଳେଶ୍ୱର ସହର ଅଞ୍ଚଳରେ ବ୍ରାଉନସୁଗର ଓ ଗ୍ରାମାଞ୍ଚଳରେ ତିଆରି ଦେଶୀ ବିଷାକ୍ତ ମଦ ତଥା ନକଲି ବିଦେଶୀ ମଦ କାରବାର କାୟାବିସ୍ତାର କରିଛି। ଜଳେଶ୍ୱର ବ୍ଲକର ଆଦିବାସୀ ବହୁଳ ରାଇବଣିଆ ଅଞ୍ଚଳରେ ତିଆରି ଦେଶୀ ବିଷାକ୍ତ ମଦ ଓ ନକଲି ବିଦେଶୀ ମଦ ଖୁଲମ୍ ଖୁଲା ନିଶା ମାଫିଆ ମାନେ ନିୟମ କାନୁନକୁ ବେଖାତିର କରି ନିଶା କାରବାର ଚଳାଇଛନ୍ତି। ଏହା ଜନସମାଜରେ ସାଧାରଣ ଲୋକଙ୍କର ଜୀବନ ଶୈଳୀକୁ ବିଶୃଙ୍ଖଳିତ ଭାବେ ପ୍ରଭାବିତ ହେବା ସଙ୍ଗେ ଏହା ପ୍ରଭାବରେ ଅଞ୍ଚଳରେ ଆଗାମୀ ଦିନର ଭବିଷ୍ୟତ ଛାତ୍ରଛାତ୍ରୀ ବିଭିନ୍ନ ନିଶା ଦ୍ରବ୍ୟରେ ଆସକ୍ତ ହୋଇ ପଥ ଭ୍ରଷ୍ଟ ହେବା ସହିତ ସମାଜରେ ଦାରିଦ୍ର୍ୟତା, ରୋଗାଗ୍ରସ୍ତ, ପାରିବାରିକ କଳହ, ନାରୀ ନିର୍ଯ୍ୟାତନା, ହତ୍ୟା, ଲୁଣ୍ଠନ ବିଶେଷ କରି ଅଳ୍ପ ବୟସରେ ବହୁ ମହିଳା ବିଧବା ହେବାର ଦେଖାଯାଇଛି। ଏପରିକି ବହୁ ଦମ୍ପତି ନିଶା ସେବନରେ ଆସକ୍ତ ହୋଇ ଗୋଗଗ୍ରସ୍ତ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି ଏବଂ ସେମାନଙ୍କର ପିଲା ଅନାଥ ହୋଇପଡ଼ିଛନ୍ତି। ବିଗତଦିନରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ(ମୋନା).ଜଳେଶ୍ୱର ଶାଖା, ଆମ୍ବେଦକର ସମତା ମଞ୍ଚ, ଜଳେଶ୍ୱର ତଥା ବିଭିନ୍ନ ଗଣ ସଂଗଠନ ତରଫରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ କରାଇବା ଏବଂ ସରକାରଙ୍କୁ ମଧ୍ୟ ଜଳେଶ୍ୱରରେ ନିଶା ମାଫିଆ ମାନଙ୍କ ଅବାଧ ନିଶା ଦ୍ରବ୍ୟ କାରବାର ସମ୍ବନ୍ଧରେ ଅବଗତ କରାଇଥିଲେ ମଧ୍ୟ ବେନିୟମ ନିଶା କାରବାରକୁ ନିଷିଦ୍ଧ କରିବାରେ ପ୍ରଶାସନ ସଫଳ ହୋଇ ପାରିନାହିଁ। ବରଂ ସମଗ୍ର ରାଜ୍ୟରେ ବେନିୟମ ନିଶା ଦ୍ରବ୍ୟ କାରବାର ପାଇଁ ଜଳେଶ୍ୱର ମୁଖ୍ୟ ପେଣ୍ଠ ସ୍ଥଳ ପାଲଟିଛି। ଏଥିପାଇଁ ଦାୟୀ କିଏ? ସମଗ୍ର ଉତ୍ତର ବାଲେଶ୍ୱର ନକଲି ଦେଶୀ ମଦର ମାତ୍ରାଧିକ କାରବାର ଚାଲିଛି। ମାତ୍ର ଆଜକୁ ଦୀର୍ଘ ୧୦/୧୨ ବର୍ଷ ଧରି ସରକାର ଜଳେଶ୍ୱର ଅଞ୍ଚଳରେ ଦେଶୀ ମଦ ବିକ୍ରୟରୁ ରାଜସ୍ୱ ହରାଇବା ସ୍ଥଳେ ହଜାର ହଜାର ଲିଟର ନକଲି ଦେଶୀ ଓ ବିଦେଶୀ ମଦ ବେପାର ଚଳାଇ ଥିବା ମୁଖ୍ୟ ନିଶା ମାଫିଆ ମାନଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ? ବେନିୟମ ଭାବେ ନିଶା ମାଫିଆ ମାନଙ୍କର ଆୟ ବହିର୍ଭୁତ ସମ୍ପତ୍ତିକୁ କାହିଁକି ବାଜପ୍ତି କରାଯାଉନାହିଁ ? କେଉଁ ବ୍ୟକ୍ତି ବିଶେଷ ପଦାଧିକାରୀ ମାନଙ୍କ ସହଯୋଗରେ ଜଳେଶ୍ୱରରେ ମାଫିଆ ମାନେ ନିଶା କାରବାରକୁ ବ୍ୟାପକ ଭାବେ ସକ୍ରିୟ ଓ ବିସ୍ତାର କରୁଛନ୍ତି, ତାହା ଆଜି ଜନସମାଜରେ ପ୍ରଶ୍ନ ସୃଷ୍ଟି କରିଛି।

## ଗୋ-ମାଂସ ଚାଲାଣବେଳେ ଯୁବକ ଅଟକ

ରାସଗୋବିନ୍ଦପୁର,୩।୨(ସମିସ): ସାରୁମୂଳା ପଞ୍ଚାୟତ ଜୁଡପଡ଼ା ଛକ ଦେଇ ଏକ ବାଇକ ଯୋଗେ ବେଲାଯୁଡ଼ି ଅଞ୍ଚଳର ଜଣେ ଯୁବକ ରଘୁନାଥ ମାହାଲି ବୁରାରେ ଘୋଡାଇ ସନ୍ଦେହଜନକ ଭାବେ କ'ଣ ନେଉଥିବା ଦେଖି ଗ୍ରାମର କାର୍ତ୍ତିକ ଚନ୍ଦ୍ର ମହାନ୍ତି ଯୁବକ ଜଣଙ୍କୁ ଅଟକ ରଖିଥିଲେ। ପରେ ଗ୍ରାମବାସୀ ଯୁବକଙ୍କୁ ପଚରାଉଚରା କରିବା ପରେ ଗୋ ମାଂସ ବସ୍ତା ବେଲାଜୁଡ ଅଞ୍ଚଳକୁ ନେଉଥିବା ମାନିଥିଲେ। ପରେ ଗ୍ରାମର ଯୁବକ ଦେବାଶିଷ ମହାନ୍ତି, ଅଶୋକ ମହାନ୍ତ, ଅଶୋକ ମହାନ୍ତି, ସଚିନ୍ଦ୍ର ଗିରି ପ୍ରମୁଖ ଯୁବକକୁ ପୁଲିସ ହାତରେ ଜିମା ଦେଇଥିଲେ। ପୁଲିସ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି।

## ରାଇସେନ ମୁର୍ମୁ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି



ରାଇରଙ୍ଗପୁର,୩।୨(ସମିସ): ବିଜୁ ଜନତା ଦଳର ମୟୁରଭଞ୍ଜ-୨ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ରାଇସେନ ମୁର୍ମୁ ନିଯୁକ୍ତ ହୋଇଛନ୍ତି। ଏ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ ଜଣେ ଦକ୍ଷ ସଙ୍ଗଠକ ଅଟନ୍ତି। ଜିଲ୍ଲା ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ସଶକ୍ତ ଓ କ୍ରିୟାଶୀଳ କରିବା ପାଇଁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ତାଙ୍କୁ ମନୋନୀତ କରାଯାଇଛି। ଏ ନେଇ ରାଇସେନ ମୁର୍ମୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବାଳିକା ଉଚ୍ଚବିଦ୍ୟାଳୟକୁ ସୁନାରାମ ସୋରେନଙ୍କ ନାମରେ ନାମିତ ଦାବି

ରାଇରଙ୍ଗପୁର, ୩।୨(ସମିସ): ରାଇରଙ୍ଗପୁରସ୍ଥ ଏସଏସଡି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓଡ଼ିଶାର ପ୍ରଥମ ଆଦିବାସୀ ମନ୍ତ୍ରୀ ସ୍ୱର୍ଗତ ସୁନାରାମ ସୋରେନଙ୍କ ନାମରେ ନାମକରଣ କରିବାକୁ ଦାବି ହୋଇଛି। ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ଅବସରରେ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ସୁନାରାମ ସୋରେନଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବାର କାର୍ଯ୍ୟକ୍ରମ ରହିଛି। ଜନସାଧାରଣଙ୍କ ସୁବିଧା ନିମନ୍ତେ ଓ ସ୍ୱର୍ଗତ ସୁନାରାମ ସୋରେନଙ୍କୁ ସମ୍ମାନିତ କରିବା ପାଇଁ ପ୍ରତିମୂର୍ତ୍ତିକୁ ରାଇରଙ୍ଗପୁର-ଟାଟା ମୁଖ୍ୟ ରାସ୍ତା ସଂଲଗ୍ନ ସ୍କୁଲ ପ୍ରବେଶ ଦ୍ୱାରରେ ସ୍ଥାପନ କରିବାକୁ ନିବେଦନ କରିଛନ୍ତି। ଏଥିସହିତ ସ୍ୱର୍ଗତ ସୁନାରାମ ସୋରେନଙ୍କ ନାମରେ ବିଦ୍ୟାଳୟର ନାମକରଣ କରିବାକୁ ନିବେଦନ କରିଛନ୍ତି।

### ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ

# ମନମୋହିଲା ଟୁସୁ ମେଳା, ଛଉ ନୃତ୍ୟ ଓ ରଥ ଯାତ୍ରା






ବିଶୋଇ,୩।୨ (ସମିସ):

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ୩ ଦିନ ଧରି ଚାଲିଥିବା ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସ୍କାଉଟ ଓ ଗାଇଡ୍ସ କ୍ୟାମ୍ପୋରୀ ଆଜି ଉଦଯାପିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ମୟୂରଭଞ୍ଜ

### ମଞ୍ଚସ୍ଥ ହେଲା ଆଦିବାସୀ ସମ୍ପ୍ରଦାୟର ବିବାହ

ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ସର ଜିଲ୍ଲା ମୁଖ୍ୟ କମିଶନର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ୩ ଦିନ ଧରି ଜିଲ୍ଲାର ବିଭିନ୍ନ ବ୍ଲକର ବିଦ୍ୟାଳୟଙ୍କୁ ଅଂଶଗ୍ରହଣ କରିଥିବା ୨୫୫ ସ୍କାଉଟ ଓ ୨୮୪ ଗାଇଡ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୧ଟି ଇଭେଣ୍ଟରେ ପ୍ରତିଯୋଗିତା, ଦକ୍ଷତା ପ୍ରଦର୍ଶନୀ କାର୍ଯ୍ୟକଳାପ ହେବାସହିତ ପ୍ରତ୍ୟେକ ଦିନ ସାଂସ୍କୃତିକ ସମାରହ ଅନୁଷ୍ଠିତ ହୋଇଥିଲା। ଆଜି କ୍ୟାମ୍ପୋରୀର ଶେଷ ଦିବସରେ ଦିବସରେ ସ୍କାଉଟ ଏବଂ ଗାଇଡ଼ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାହସିକ କାର୍ଯ୍ୟକଳାପ,ଲୋକ କଳା ପ୍ରଦର୍ଶନୀ ସହିତ ଅପରାହ୍ନ ସମୟରେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା କ୍ୟାମ୍ପୋରୀର ସାଂଗଠନିକ ସମ୍ପାଦିକା ସନ୍ତୋଷନି ମୋଦିଙ୍କ ସଂଯୋଜନାରେ ଶିବିରର ଉଦଯାପନୀ ସମାରହ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବରେ ଭାରତ ସ୍କାଉଟ ଏବଂ ଗାଇଡର ଜାତୀୟ ବରିଷ୍ଠ ଉପସଭାପତି ତଥା ଓଡିଶା ରାଜ୍ୟ ମୁଖ୍ୟ କମିଶନର ଡ଼. କାଳିପ୍ରସାଦ ମିଶ୍ର ଯୋଗଦେଇ ସ୍କାଉଟ ଓ ଗାଇଡ଼ର ସ୍ୱତନ୍ତ୍ର ନୀତି ଆଦର୍ଶ, ଲକ୍ଷ୍ୟ ସମ୍ପର୍କରେ ସ୍କାଉଟ ଓ ଗାଇଡ଼ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ସିଡିପିଓ ବିଟୁ ଟୁଡୁ ସ୍କାଉଟ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ଉଦ୍ଦିଷ୍ଟ ସମସ୍ତ ଇଭେଣ୍ଟକୁ ଭୂୟସୀ ପ୍ରଶଂସା କରିବା ସହିତ ସମାଜରେ ବାଲ୍ୟ ବିବାହ ପ୍ରଥାକୁ ରୋକ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ସହିତ ବାଲ୍ୟ ବିବାହ ପ୍ରଥା ବିରୋଧ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ ଗ୍ରହଣ କରାଇଥିଲେ।

ସମ୍ମାନିତ ଅତିଥି ଭାବେ ବିଶୋଇ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ସ୍କାଉଟ ଓ ଗାଇଡ୍ସର ସମ୍ପାଦକ ଭାଗୀରଥି ମଲ୍ଲିକ କ୍ୟାମ୍ପୋରୀର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହିତ କ୍ୟାମ୍ପୋରୀ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ବିଶୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ, ଗାଇଡ୍ ଡିଅସି ସୁଲଚନା ମଙ୍ଗରାଜ, ପ୍ରାକ୍ତନ ସ୍କାଉଟ ଡିଅସି ସରୋଜ ଚନ୍ଦ୍ର ମହାନ୍ତ, ଗାଇଡ଼ ପ୍ରତିନିଧି ବାସନ୍ତୀ ମହାନ୍ତ ଓ ଅହଲ୍ୟା ସାହୁ, ସ୍କାଉଟ ପ୍ରତିନିଧି ଚିତ୍ତରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନିଜର ଦକ୍ଷତା ବିକାଶ ବୃଦ୍ଧି ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

ଉଦଯାପନୀ ସମାରୋହରେ ବିଭିନ୍ନ ଥିମ ଉପରେ ଜିଲ୍ଲାର ବିଭିନ୍ନ ସମ୍ପ୍ରଦାୟର ପାରମ୍ପରିକ ଲୋକ କଳା ପ୍ରଦର୍ଶନ ହୋଇଥିଲା। ବାଲ୍ୟ ବିବାହ ପ୍ରଥା ସଚେତନତା, ମୟୂରଭଞ୍ଜ ପ୍ରସିଦ୍ଧ ଟୁସୁ ମେଳା ଗୀତ, ଛଉ ନୃତ୍ୟ, କରଞ୍ଜିଆ ଦଳ ପୂର୍ଣ୍ଣିମା, ଆଦିବାସୀ ସମ୍ପ୍ରଦାୟର ବିବାହ, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପ୍ରମୁଖ ମଞ୍ଚସ୍ଥ ହେବା ସହିତ ଏହା ଆକର୍ଷଣର କେନ୍ଦ୍ର ସାଜିଥିଲା। ସ୍କାଉଟର ଡିଓସି ବିଜୟ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବାବେଳେ ୧୩୦ ସ୍କାଉଟ ପ୍ରଶିକ୍ଷକ, ୧୨୦ ଗାଇଡ଼ ସଂଯୋଜକ, ୧୮ କାଉନସିଲର ସଦସ୍ୟ, ୨୦ କେନ୍ଦ୍ରୀୟ ଅଧିକାରୀ ଓ ୯୦ ଜଣ ପରିଚାଳନା ଅଧିକାରୀ ଶିବିର ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ମଣ୍ଡିତ ହୋଇଥିଲା। ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଗିରି, ରଞ୍ଜନ ଗିରି, ସୂର୍ଯ୍ୟ ନାଏକ, ଜିତେନ୍ଦ୍ର ମାଝୀ, ଜୟରାମ ବେହେରା, ନାରାୟଣ ବସା, ତୁଷାର ନନ୍ଦ, ଭୂପତି ଭୂଷଣ ଧଳ, ବିଶ୍ୱରଞ୍ଜନ ଜେନା, ଖୋଇର ଧଳ, ମନ୍ମଥ ନାୟକ, ଗଜେନ୍ଦ୍ର ଗିରି, ମନୋଜ ବେହେରା, ଅଶୋକ ଗିରି, ସୁଭସ୍ମିତା ବାରଦା, ମାର୍ଥା ବାରଦା, କୃଷ୍ଣାରାଣୀ ଜେନା, ଶରତ ସେଠୀ, ରାଧେଶ୍ୟାମ ପରିଡାଙ୍କ ସମେତ ବ୍ଲକର ସମସ୍ତ ସିଆରସିସି, ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୃଥକ ଦୁର୍ଘଟଣାରେ ୨ ମୃତ

ରାଇରଙ୍ଗପୁର,୩।୨(ସମିସ): ଆଜି ପୃଥକ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଦେଓନଦୀ ପୋଲ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ଜଣକ କରଞ୍ଜିଆ ଥାନା ଅନ୍ତର୍ଗତ କପଣ୍ଡ ଗ୍ରାମର ମଣ୍ଟୁ ନାଏକ ବୋଲି ଜଣାପଡ଼ିଛି। ସେ ବାଇକ୍ ଯୋଗେ ଯାଉଥିବାବେଳେ କରଞ୍ଜିଆରୁ ଠାକୁରମୁଣ୍ଡା ରାସ୍ତାର ଦେଓ ନଦୀ ପୋଲ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେହିପରି ଠାକୁରପାଟଣା ଗ୍ରାମର କାଇରା ପିଙ୍ଗୁଆ ବାଇକ୍ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ସେ ରାସ୍ତା କଡରେ ଚାଲି ଚାଲି ଯାଉଥିବାବେଳେ ସିଙ୍ଗଡା ଛକ ନିକଟରେ ଏକ ଦ୍ରୁତଗାମୀ ବାଇକ ତାଙ୍କୁ ପଛରୁ ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି

ରାଇରଙ୍ଗପୁର,୩।୨(ସମିସ): କରଞ୍ଜିଆ ଥାନା ଅନ୍ତର୍ଗତ ଦୋରି ଲକିସାହି ଅଞ୍ଚଳରୁ ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର କରଞ୍ଜିଆ-୨ ବିଦ୍ୟୁତ ସେକ୍ସନ ପରିଚାଳକ ଅଜିତ କୁମାର ସାମଲ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି ହୋଇଥିବା ସୂଚନା ପାଇଥିଲେ। ଚୋରି ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୫୦,୦୦୦ ଟଙ୍କା ହେବ।

## ଖେଳ ପଡ଼ିଆରୁ ବାଇକ୍ ଚୋରି

ରାଇରଙ୍ଗପୁର,୩।୨(ସମିସ): ବଡ଼ଚମ୍ପାଉଦା ଖେଳ ପଡ଼ିଆ ପରିସରରୁ ବାଇକ୍ ଚୋରି ହୋଇଛି। ଏ ନେଇ ପଦ୍ମପୁର ଗ୍ରାମର ଦୁବାଇ ମାହାଲି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ପଡ଼ିଆରେ ବାଇକ ପାର୍କିଂ କରି ଖେଳ ଦେଖିବାକୁ ଯାଇଥିଲେ। ସେଠାରୁ ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ଫଳରେ ଥାନାରେ ଅଭିଯୋଗ କରିଥିଲେ।

## ଇଗ୍ନୁ ବିଇଡି କର୍ମଶାଳା ଉଦ୍‌ଯାପିତ



ବାରିପଦା,୩।୨(ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୧୨ ଦିନ ଧରି ଚାଲିଥିବା ଇଗ୍ନୁ ବିଇଡି ଦ୍ୱିତୀୟ ବର୍ଷ କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୫୬ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କ୍ଷୀରୋଦ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଇଡି ଛାତ୍ରଛାତ୍ରୀଙ୍କୁ ପରିବର୍ତ୍ତିତ ପରିସ୍ଥିତିରେ ନୂତନ ଜ୍ଞାନକୌଶଳ, ଶିକ୍ଷଣ ପଦ୍ଧତିର ଆହରଣ ଓ ପ୍ରୟୋଗ କରି ବିକଶିତ ଭାରତ ନିର୍ମାଣରେ ଯୋଗଦାନ ଦେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, ଡକ୍ଟର କେ ଲକ୍ଷ୍ମୀ ସେନାପତି, ଉମେଶ ଚନ୍ଦ୍ର ମାଝୀ, ସରୋଜ ଦାସ, ରାଜକିଶୋର ରାଉଳ ଯୋଗଦେଇ ନିଜ ମତ ରଖିଥିଲେ। ପ୍ରଶିକ୍ଷାର୍ଥୀ ଅନୁପ ଗୁପ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଦ୍ୱୈତ ବେହେରା, ଡକ୍ଟର ରୁବି ଟୁଡୁ, ଦେବଶ୍ରୀ ଦ୍ୱିବେଦୀ, ଅନନ୍ୟା ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ଖମଡ଼ିହା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମହୁଲଡିହା,୩।୨(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଖମଡିହା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୬୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ପ୍ରଧାନ ଶିକ୍ଷୟିତ୍ରୀ ଜସ୍ମି ବାସ୍କେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କରଞ୍ଜିଆ ଏବିଇଓ ସନ୍ତୋଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିତାମାତା ଯେପରି ଆଚରଣ କରିବେ ପିଲା ତାହାକୁ ଗ୍ରହଣ କରିବେ। ତେଣୁ ଭଲ ଓ ସେବା ମନୋବୃତ୍ତି ନେ କାମ କଲେ ତାକୁ ପିଲା ଗ୍ରହଣ କରି ଭଲ ମଣିଷଟିଏ ହୋଇପାରିବେ। ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଏବିଇଓ ଦିଲ୍ଲୀପ ଧଳ, ଏବିଇଓ ସଂଯୁକ୍ତା ନାୟକ, ସିଆରସିସି ଅଲେଖ ପଲେଇ, ପରିଚାଳନା କମିଟି ସମ୍ପାଦକ ସନ୍ତୋଷ ମହାନ୍ତ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ କାହକସାଁ ପରବିନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଚକ୍ରଧର ସାହୁ ଅତିଥି ପରିଚୟ ଓ ସିଆରସିସି ତପନ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଅବନ୍ତୀ ଲୋହାର, ସାବିତ୍ରୀ ହେମ୍ବ୍ରମ, ନିରୂପମା ଦାସ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ● ଅଦାପାଳ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ଶିକ୍ଷା ହିଁ ଏକ ବଳିଷ୍ଠ ଦେଶ ଓ ନାଗରିକ ସୃଷ୍ଟି କରିଥାଏ'



ଉଦଳା, ୩।୨(ସମିସ): ଉଦଳା ବ୍ଲକର ଅଦାପାଳ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉଦଳା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗବତ ବେହେରା, ସମ୍ମାନିତ ଅତିଥି ଭାବେ ବଡ଼ସିଙ୍ଗାରିଆ ସରପଞ୍ଚ ସୁନାରାମ ଟୁଡୁ, ଅଦାପାଳ କ୍ଲଷ୍ଟର ସିଆରସିସି ମହେଶ୍ୱର ରାଉତ, ଏସଏମସି ମେମ୍ବର ମାତୁ ଟୁଡୁ ଓ ସମାଜସେବୀ ରବୀନ୍ଦ୍ର ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶିକ୍ଷାର ଆବଶ୍ୟକତା ହିଁ ଏକ ବଳିଷ୍ଠ ଦେଶ ଓ ନାଗରିକ ତିଆରି କରିଥାଏ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଉପସ୍ଥାପକ କାଶୀନାଥ ଦାସ ଓ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗ କରିଥିଲେ।

## କୁଆମରା ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



କପ୍ତିପଦା, ୩।୨(ସମିସ): ଶାଳଚୁଆର ସୁନେଇଡ୍ୟାମସ୍ଥ କୁଆମରା ହାଇସ୍କୁଲର ୧୯୮୫ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ର ଓ ସେମାନଙ୍କ ପରିବାରକୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପୁରାତନ ଛାତ୍ରଛାତ୍ରୀ ପରସ୍ପର ସହ ଭାବର ଆଦାନପ୍ରଦାନ କରିବା ସହ ପରଲୋକଗତ ବନ୍ଧୁଙ୍କ ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ସରୋଜ ନାୟକ ଓ ସଞ୍ଜୟ ସାମଲ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉତ୍ତରପାଳ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



ମାଣତ୍ରୀ, ୩।୨(ସମିସ): ବଡ଼ସାହି ବ୍ଲକ ଅଧୀନ ଉତ୍ତରପାଳ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ଉପଖଣ୍ଡର ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀ, ସ୍ୱତନ୍ତ୍ର ଅତିଥି ବାରିପଦା ଆଇଡିଡିଏର ଅତିରିକ୍ତ ମଙ୍ଗଳ ଅଧିକାରିଣୀ ଶୃତିଲିପି ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟାଳୟର ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ ଜେନା ଯୋଗଦେଇ ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ, ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ଅଗ୍ରଗତି, ଖସଡା ଓ ଭୁଲତ୍ରୁଟି ସୁଧାରିବାର ଦିବସ ବୋଲି କହିଥିଲେ। ସମସ୍ତେ ଏକ ବିନ୍ଦୁରେ ଯୋଡି ହେଲେ ସଫଳତା ପାଦ ଛୁଇଁବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ବାସନ୍ତୀ ସିଂ, ସିଆରସିସି କାହ୍ନୁଚରଣ ବାରିକ ଓ ଶିକ୍ଷାବିତ୍ ଦେବେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପଣ୍ଡା ବାର୍ଷିକ ବିବରଣୀ ପାଠ, ସହକାରୀ ଶିକ୍ଷୟିତ୍ରୀ ମମତା ଦାସ ମଞ୍ଚ ପରିଚାଳନା, ସହକାରୀ ଶିକ୍ଷୟିତ୍ରୀ ଅମିତା ସାମଲ ଜଗନ୍ନାଥ ସ୍ତୁତି ପାଠ ଓ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅତିଥି ଶିକ୍ଷକ ବିଶ୍ୱଭୂଷଣ ବିଶ୍ୱାଳ ଓ ଶିକ୍ଷୟିତ୍ରୀ ବୈଜୟନ୍ତୀ ସାହୁ, ମଟ୍ରୋନ ମଞ୍ଜୁଲତା ରାଉତ ଓ ସମସ୍ତ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ/ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଜା ହେଉନି ବାଦାମ ବିହନ; ଚାଷୀ ହତାଶ



କଳାବାଡିଆ,୩।୨(ସମିସ):

ବାଙ୍ଗିରିପୋଷି ବ୍ଲକ୍‌ର କଳାବାଡିଆ, ବଣକାଟୀ, ଶ୍ୟାମସୁନ୍ଦରପୁର ପଞ୍ଚାୟତର ପାଣିଶାଳ, ଜଗନ୍ନାଥପୁର, ବଣକାଟୀର ବଣକାଟୀ, କଣ୍ଟାପାଳ, ଶ୍ୟାମସୁନ୍ଦରପୁରର ଚାଷୀ ବାରିପଦା ଆଇଟିଡିଏ ପକ୍ଷରୁ ଦିଆଯାଇଥିବା ବିନା ମୂଲ୍ୟରେ ବାଦମ ବିହନ ନେଇ ଫସିଯାଇଥିବା ଅଭିଯୋଗ ହୋଇଛି। ବାଦାମ ବିହନ ବୁଣିବାର ୧୫ ଦିନ ବିତିଯାଇଥିଲେ ମଧ୍ୟ ଠାଏଁ ଠାଏଁ ଗୋଟିଏ ଦୁଇଟି ଗଛ ଛାଡିଦେଲେ ଗଛ ଉଠୁନି। ଫଳରେ ୫୦ ଏକରରୁ ଊର୍ଦ୍ଧ୍ୱ ବାଦାମ ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି।

କିଛି ଚାଷୀ ଅପେକ୍ଷା ନ କରି ବେଙ୍ଗଲ ବାଦାମ ବିହନ ପୁଣି ଉକ୍ତ ବିଲରେ ପକାଇଲେଣି। ଉତ୍ତମ ମାନର ବିହନ ଦିଆଯାଇନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଘଣ୍ଟାକୁ ୧୨୦୦ ଟଙ୍କା ହଳ, ସାର, ବିହନ ବୁଣିବା ବାବଦକୁ ଶ୍ରମିକ ଖର୍ଚ୍ଚ, ପାଣି ମଡାଇବା ବାବଦରେ ଖର୍ଚ୍ଚ କରି ସାରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଭଲ ରୋଜଗାର ଆଶାରେ ବିନାମୂଲ୍ୟରେ ଆଇଟିଡିଏ ତରଫରୁ ସରକାରୀ ବିହନ ନେଇଥିଲେ। ହେଲେ ଫସିଗଲେ ବୋଲି ଚାଷୀ ସନିଆ ନାଏକ କହିଛନ୍ତି। ବହୁ ଚାଷୀ ବ୍ଲକ କୃଷି ଅଧିକାରୀ ଚାରୁଲତା ସିଂଙ୍କୁ ଦେଖାକରି ଆଇଟିଡିଏ ବିହନ ଆମକୁ ଠକିଦେଲା ବୋଲି ଅଭିଯୋଗ କରିଛନ୍ତି। କୃଷି ବିଭାଗ ତରଫରୁ ବିରି ବୁଣିବା ପାଇଁ ପରାମର୍ଶ ଦିଆଯାଇଛି। କୃଷି ବିଭାଗ ସହଯୋଗ କରିବ ବୋଲି ଅଧିକାରୀ ଚାରୁଲତା ସିଂ କହିଛନ୍ତି। ଅପରପକ୍ଷେ ବିହନ ଯୋଗାଇ ଥିବା ଆଇଟିଡିଏ କର୍ମଚାରୀ ନନ୍ଦଲାଲ ସୋରେନ ନିଜ ଦୋଷ ମାନିବା ପାଇଁ ନାରାଜ। ବେଳେବେଳେ ପାଗ ପାଇଁ ବିହନ ମାସେ ଲାଗିପାରେ ବୋଲି କହିଛନ୍ତି। ଶ୍ୟାମସୁନ୍ଦରପୁରରେ ୨୮ ଦିନ ଲାଗିଛି। ମୁଁ ଭୁବନେଶ୍ୱର ଆସିଛି, ଗଲେ ଚାଷୀଙ୍କ କଥା ବୁଝିବି ବୋଲି ଶ୍ରୀ ସୋରେନ କହିଛନ୍ତି। ବିଲ ଶୁଖି ଟାଣ ହେଲାଣି। ଏପରି ସ୍ଥିତିରେ କିପରି ବିହନ ବାହାରିବ ବୋଲି ଚାଷୀ ଅନ୍ତର୍ଯ୍ୟାମୀ ନାଏକ, ଦାମୋଦର ନାଏକ, ଈଶ୍ୱର ନାଏକ, ଗୌରାଙ୍ଗ ନାଏକ, ଶ୍ରୀହରି ନାଏକ, ସୁଭାକର ନାଏକ, ପ୍ରଫୁଲ୍ଲ ନାଏକ, ଅନାଦି ନାଏକ, ସନିଆ ନାଏକ ପ୍ରଶ୍ନ କରିଛନ୍ତି।

